# ଜନମେଳି ଆଗରେ ପଛଘୁଞ୍ଚା ଦେଲା ପ୍ରଶାସନ





**ଛେଣ୍ଡିପଦା,୨୯।୩(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ଗ୍ରାମଦେଇ କୋଇଲା ପରିବହନକୁ ବିରୋଧକରି ଗ୍ରାମବାସୀ ଦୀର୍ଘ ୨୩ ଦିନରୁ ଉର୍ଦ୍ଧ୍ୱ ହେଲା ରାଜ୍ୟ ରାଜପଥ ପାର୍ଶ୍ୱରେ ଗଣଧାରଣାରେ ବସିଛନ୍ତି। ନୂତନ ବାଇପାସ୍ ରାସ୍ତା କର, ନହେଲେ ଗାଁ ଭିତର ଦେଇ ଗାଡ଼ି ଛାଡ଼ିବୁ ନାହିଁ ବୋଲି ଗ୍ରାମବାସୀଙ୍କ ଜିଦ୍ ଆଗରେ ପ୍ରଶାସନ ହାର ମାନିଛି। ଶନିବାର ବିଳମ୍ବିତ ରାତିରେ ଉପଜିଲାପାଳ ମାୟାଧର ବେହେରା, ଛେଣ୍ଡିପଦା ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ଇନ୍ସପେକ୍ଟର ଧାରଣାସ୍ଥଳରେ ପହଞ୍ଚି କୋଇଲା ପରିବହନ ନେଇ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହାନ୍ତି।

ନୈନି କୋଇଲା ଖଣିରୁ କୋଇଲା ପରିବହନ ପାଇଁ ପ୍ରାୟ ୭୦ରୁ ଉର୍ଦ୍ଧ୍ୱ ଟ୍ରକ୍ କୋଇଲା ବୋଝେଇ କରି ଗତ ୫ ତାରିଖରୁ ଅଟକି ରହିଛନ୍ତି। କୋଇଲାକୁ ଛେଣ୍ଡିପଦାରୁ କୋଶଳା ଗ୍ରାମଦେଇ ଅନୁଗୋଳ ପରିବହନ ପାଇଁ କମ୍ପାନୀ ମସୁଧା ଚଳାଇଥିବାବେଳେ କୋଶଳା ଗ୍ରାମବାସୀ ତାହାକୁ ତୀବ୍ର ବିରୋଧ କରିବା ସହ ଅହୋରାତ୍ର ଗଣଧାରଣା ଦେଉଛନ୍ତି। ଗତ ବୁଧବାର ଗ୍ରାମ ମଧ୍ୟଦେଇ କୋଇଲା ଗାଡ଼ି ଚଳାଚଳ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକ ବିଫଳ ହେବା ପରେ ପୁଣିଥରେ ପ୍ରଶାସନ ପକ୍ଷରୁ କୋଇଲା ପରିବହନ ପାଇଁ ପଦକ୍ଷେପ ନିଆଯାଇଥିଲା। ଗ୍ରାମବାସୀ ଖବର ପାଇବା ପରେ ନିଜ ମାଟିର ସୁରକ୍ଷା ପାଇଁ ଉକ୍ତ ଆନ୍ଦୋଳନକୁ ଜୋର୍‌ଦାର କରିଥିଲେ। ଏଥିରେ କୋଶଳା ଗ୍ରାମର ୭ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିବାବେଳେ କୋଇଲା ଖଣି ଅଞ୍ଚଳର ଆଖପାଖ ପ୍ରାୟ ୨୫ ଗ୍ରାମର ଲୋକ ଆନ୍ଦୋଳନରେ ସାମିଲ ଥିଲେ। ଶନିବାର ପ୍ରାୟ ରାତି ୧ଟା ବେଳେ ଉପଜିଲାପାଳଙ୍କ ସମେତ ୩ ଜଣ ମାଜିଷ୍ଟ୍ରେଟ, ୨ଜଣ ଅତିରିକ୍ତ ଏସ୍‌ପି, ୨୦ ଇନ୍ସପେକ୍ଟରଙ୍କ ସମେତ ୧୦ ପ୍ଲାଟୁନ ପୋଲିସ ଫୋର୍ସ ଆନ୍ଦୋଳନସ୍ଥଳରେ ପହଞ୍ଚି କୋଇଲା ପରିବହନ ପାଇଁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଯେପର୍ଯ୍ୟନ୍ତ କୋଇଲା ଟ୍ରକ୍ ଚଳାଚଳ ପାଇଁ ନୂତନ ବାଇପାସ୍ ରାସ୍ତା ନିର୍ମାଣ ନ ହୋଇଛି ସେପର୍ଯ୍ୟନ୍ତ ଗାଁ ମଧ୍ୟଦେଇ କୋଇଲା ଗାଡ଼ି ଛଡ଼ାଯିବ ନାହିଁ କହି ଗ୍ରାମବାସୀ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ଜନମେଳି ଓ ମା’ ମାଟିର ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ଆଗରେ ପ୍ରଶାସନ ପଛଘୁଞ୍ଚା ଦେଇଥିଲା।

ଆନ୍ଦୋଳନରେ ଛେଣ୍ଡିପଦାର ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ‘ମା’ ମାଟି ଜନ ଅଭିଯାନ’ର ଆବାହକ ସସ୍ମିତା ବେହେରା, କୋଶଳା ଗ୍ରାମ ସଭାପତି କୃତାର୍ଥ ଦେହୁରୀ, ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, ସରପଞ୍ଚ ଉଦିତ ପ୍ରଧାନଙ୍କ ସମେତ ବ୍ଲକର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ଗ୍ରାମ୍ୟ କମିଟିର କର୍ମକର୍ତ୍ତା, ଯୁବଗୋଷ୍ଠୀ ଯୋଗଦେଇଥିଲେ।

**ବାଇପାସ୍ ରାସ୍ତା କର, ନହେଲେ ଗାଡ଼ି ଛାଡ଼ିବୁନି**

## ୩୧ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଜିଲା ଗସ୍ତ

**ତାଳଚେର, ୨୯।୩ (ମନୋଜ ନନ୍ଦ)**

**■ମା’ ହିଙ୍ଗୁଳାଙ୍କୁ ଦର୍ଶନ କରିବେ, ଆଠମଲ୍ଲିକରେ ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ**

ଆସନ୍ତା ୩୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ୩୦ ତାରିଖ ମଧ୍ୟରାତିରେ ତାଳଚେର ଦୀନଦୟାଲ ନଗରରେ ପହଞ୍ଚି ରାତ୍ରିଯାପନ କରିବେ। ୩୧ ତାରିଖ ସକାଳ ୮ଟାରେ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ଯାତ୍ରାରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ସେଠାରୁ ଆଠମଲ୍ଲିକ ଗସ୍ତ କରି ଦିନ ୧୦ଟାରେ ରାମ ମନ୍ଦିର ଯାଇ ଦର୍ଶନ କରିବେ। ଦିନ ୧୧ଟାରେ ଆଠମଲ୍ଲିକ ଷ୍ଟାଡିୟମଠାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ପରେ ଆଠମଲ୍ଲିକର ଓଏଡା ପଞ୍ଚାୟତର ଅଲାଠୁ ରାମ ମନ୍ଦିରରେ ପହଞ୍ଚି ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେଠାରୁ ଭୁବନେଶ୍ୱର ଯାତ୍ରା କରିବେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି।

## ଭାଉଜଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା,୨୯।୩(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା କରଡ଼ାବାହାଲୀ ମଧୁଗ୍ରାମର ନୀଳିମା ପ୍ରଧାନଙ୍କୁ ତାଙ୍କ ଦିଅର ବାବୁଲା ନାୟକ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିବା ନୀଳିମା ଶନିବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୮/୨୬ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ନୀଳିମା ଘରେ ଥିବାବେଳେ ଜମିବାଡ଼ି ସମସ୍ୟାକୁ କେନ୍ଦ୍ରକରି ବାବୁଲା ନୀଳିମାଙ୍କୁ ପ୍ରଥମେ ଗାଳିଗୁଲଜ କରିଥିଲେ । ପରେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**ଅନୁଗୋଳ,୨୯।୩ (ଦିବ୍ୟଶାନ୍ତନୁ ନାଥ)**

ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶନିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନର ଆଧୁନିକ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସଭାପତିତ୍ୱ କରିଥିଲେ। ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଥିବା ସୁଦୂର ପ୍ରସାରୀ ସୁଯୋଗ ସମ୍ପର୍କରେ ସେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କିଟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପକ ଡ. ଗୋପାଳକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରର ଆବାହକ ଡ. ସୁଶାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ସତ୍ୟ ନାରାୟଣ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଡ. ଶ୍ରୀଦେବୀ ସ୍ୱାଇଁ, ଡ. ଅନୀଲ କୁମାର ବେହେରା, ଡ. ବିଜୟିନୀ ମହାପାତ୍ର ଓ ଡ. ରଞ୍ଜନ କୁମାର ଭୂୟାଁ ସହଯୋଗ କରିଥିଲେ। ଗବେଷକ ସନ୍ତୋଷ କୁମାର ବାରିକ ବୈଷୟିକ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ବିଭାଗର ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ପେନ୍‌ସନର୍ସ ବିରୋଧୀ ବିଲ୍ ପ୍ରତ୍ୟାହାର ଦାବି

**ଛେଣ୍ଡିପଦା,୨୯।୩(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସେବାସଂଘ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ମଚାରୀଙ୍କ ପେନ୍‌ସନ୍ ଓ ବିଭିନ୍ନ ସୁବିଧାକୁ ପ୍ରଭାବିତ କରିବାକୁ ଥିବା ସଂସଦରେ ପାରିତ ଭାଲିଡେସନ ବିଲ୍‌କୁ ବିରୋଧ କରି ଦାବି ଉଠାଇଛନ୍ତି। ଏନେଇ ସର୍ବଭାରତୀୟ ପେନ୍‌ସନ୍ ଫେଡେରେଶନଙ୍କ ଡାକରାରେ କୋଶଳା ଅଞ୍ଚଳର ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସେବାସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟଠାରେ ସଂଘର ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପରେ ଅନୁଗୋଳ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯାଇଥିଲା। ଉକ୍ତ ଦାବିପତ୍ରରେ ଉଲ୍ଲେଖ ଅଛି, ୨୦୨୫ ମାର୍ଚ୍ଚରେ ସଂସଦରେ ପାରିତ ଏହି ବିଲ୍ କାର୍ଯ୍ୟକାରୀ ହେଲେ ଅବସରପ୍ରାପ୍ତ କର୍ମଚାରୀ ୮ମ ବେତନ କମିଶନ ସୁବିଧାରୁ ବଞ୍ଚିତ ହେବା ସହିତ ସାମୁହିକ ଡି.ଏ ବୃଦ୍ଧି ଓ ଅନ୍ୟାନ୍ୟ ଆର୍ଥୀକ ସୁବିଧା ହରାଇବେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବାମଦେବ ସାହୁ, ଗୋକୁଳାନନ୍ଦ ପ୍ରଧାନ, ଦୁଃଖବନ୍ଧୁ ସାହୁ, ଜନକ ଦେହୁରୀ, ପ୍ରକାଶ ଚନ୍ଦ୍ର ସାହୁ, ପ୍ରାଣବନ୍ଧୁ ସାହୁ, ହେମନ୍ତ ପ୍ରଧାନ, ସୁଧାକର ସାହୁ, ଦୁର୍ଯ୍ୟୋଧନ ସାହୁ, ଦୁଃଖଶ୍ୟାମ ଦେହୁରୀ, ଅର୍ଜୁନ ସାହୁ, ବିଶ୍ୱନାଥ ସାହୁ, ଲକ୍ଷ୍ମଣ ସାହୁ, କଷ୍ଟୁ ପ୍ରଧାନ, ଦେବରାଜ ଦେହୁରୀ, ବ୍ରଜବନ୍ଧୁ ରାଉଳ, ରମେଶ ଚନ୍ଦ୍ର ସାହୁ, ବ୍ରଜକିଶୋର ସାହୁ ଓ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳଚେର ପୌରମଣ୍ଡଳର ଦୀନଦୟାଲ ପ୍ରଶିକ୍ଷଣ ମହାଭିଯାନ




**ତାଳଚେର, ୨୯।୩ (ମନୋଜ ନନ୍ଦ)**

ତାଳଚେର ଭାଜପା ପୌର ମଣ୍ଡଳର ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇଦିନିଆ କର୍ମଶାଳାରେ ଜିଲା ପଦାଧିକାରୀ ଯଯାତି ପଟ୍ଟନାୟକ, ଦିଲେଶ୍ୱର ପ୍ରଧାନ, ବସନ୍ତ ମଞ୍ଜରୀ ପ୍ରଧାନ, ପ୍ରତ୍ୟୁଷ ପଣ୍ଡା, ପ୍ରକାଶ ମହାରଣା, ମନୋଜ ପ୍ରଧାନ, ଜ୍ୟୋର୍ତିମୟୀ ସାହୁ ପ୍ରମୁଖ ବିଭିନ୍ନ ସାଙ୍ଗଠନିକ ବିଷୟ ଉପରେ ଶିକ୍ଷାଦାନ କରିଥିଲେ। ତାଳଚେର ପୌର ମଣ୍ଡଳର ପ୍ରଭାରୀ ତଥା ଅନୁଗୋଳ ଜିଲା ଭାଜପା ଉପସଭାପତି ଇଂ.ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରକାଶ ମହାରଣା ପ୍ରଶିକ୍ଷଣ ଶିବିରର ସଂରଚନା ସହ ବ୍ୟବସ୍ଥା ପ୍ରମୁଖ ଭାବରେ ଦାୟିତ୍ୱ ନେଇଥିଲେ। ଜିଲା ସଭାପତି ଯଯାତି ପଟ୍ଟନାୟକ, ପୂର୍ବତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣରେ ତାଳଚେର ପୌର ମଣ୍ଡଳର ୧୧୨ ଜଣ ପୁରୁଷ ଓ ମହିଳା କାର୍ଯ୍ୟକର୍ତ୍ତା ତାଲିମ ନେଇଥିଲେ। ପୌର ମଣ୍ଡଳ ସଭାପତି ରାଜେଶ ଦଳେଇ, ପୌରମଣ୍ଡଳ ପୂର୍ବତନ ସଭାପତି ଯଶୋବନ୍ତ ଦାସ, ସତ୍ୟବନ୍ତ ସାହୁ, ଗଣେଶ ପ୍ରସାଦ ସାହୁ, ବିଶ୍ୱ ରଞ୍ଜନ ତୁଙ୍ଗ ଓ ସୁଜିତ କୁଅଁର ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ବଇଣ୍ଡା,୨୯।୩(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇ ଉକ୍ତ ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବ୍ଲକ ଜିଲା ପରିଷଦ ସଦସ୍ୟ ଯଶୋବନ୍ତ ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ ସାହୁ, ଭାଜପାନେତା ଅରବିନ୍ଦ ସାହୁ, ପ୍ରବୀଣ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସୁମତି ରାଣୀ ପ୍ରଧାନ ସଙ୍ଗୀତ ପାଠ କରିଥିଲେ। ବାନାମ୍ବର ପ୍ରଧାନ, ଧ୍ରୁବ୍ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜେନ୍ଦ୍ର ସାହୁ ସଭା ସଞ୍ଚାଳନ କରିଥିଲେ। ଭାଜପା ନେତା ମାନସ ରଞ୍ଜନ ସାହୁ ସହଯୋଗ କରିଥିଲେ। ଏଥିରେ ବହୁ ଭାଜପା ନେତା ଯୋଗଦେଇଥିଲେ।

## ସାତକୋଶିଆ ଗଣ୍ଡରେ ଛଡ଼ାଗଲା ୧୨ ଘଡ଼ିଆଳ



**ବନ୍ତଲା,୨୯।୩(ସୁଶିତ ସାହୁ)**

ଅନୁଗୋଳ ଜିଲା ସାତକୋଶିଆ ଗଣ୍ଡରେ ରବିବାର ୧୨ଟି ଘଡିଆଳ କୁମ୍ଭୀର ଛଡ଼ାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୧୯୭୫ ମସିହାରେ ସାତକୋଶିଆ ମହାନଦୀରେ ଘଡିଆଳ କୁମ୍ଭୀର ସଂରକ୍ଷଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ଏହାର ବଂଶବୃଦ୍ଧି ପାଇଁ ୨୦୨୦ରେ ମାଈ ଅଣ୍ଡିରା ଘଡିଆଳ କୁମ୍ଭୀର ଛଡ଼ାଯାଇଥିଲା। ତେବେ ଆଜି ଟିକରପଡ଼ା ପିଞ୍ଜରାରୁ ୧ଟି ମାଈ ଘଡିଆଳ କୁମ୍ଭୀର ସହ ନନ୍ଦନକାନନରୁ ୬ଟି ମାଈ ଓ ୫ଟି ଅଣ୍ଡିରା ଘଡିଆଳ ସହ ମୋଟ ୧୨ଟି ଘଡିଆଳ କୁମ୍ଭୀର ଛଡ଼ାଯାଇଛି। ଚଳିତ ବର୍ଷ କୁମ୍ଭୀର ଗଣନାରେ ଘଡିଆଳ କୁମ୍ଭୀର ୨୨ଟି ଥିଲା। ଆଜି ଛଡ଼ାଯାଇଥିବା କୁମ୍ଭୀରକୁ ମିଶାଇ ମହାନଦୀ ଗଣ୍ଡରେ ଘଡ଼ିଆଳ କୁମ୍ଭୀର ସଂଖ୍ୟା ୩୪ରେ ପହଞ୍ଚି ଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି। ଉକ୍ତ କୁମ୍ଭୀର ଟିକରପଡ଼ାସ୍ଥିତ ସୁନାଖଣିଆଠାରେ ଛଡ଼ାଯାଇଥିଲା। କୁମ୍ଭୀର ଦେହରେ ଟ୍ୟାଗିଙ୍ଗ ଟ୍ରାନ୍ସମିଟର ଲଗାଯାଇଥିବା ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର କହିଛନ୍ତି। କୁମ୍ଭୀର ଛାଡ଼ିବାବେଳେ ନନ୍ଦନକାନନ ଟିମ୍ ସହ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ବୌଦ୍ଧ ବନଖଣ୍ଡ ଅଧିକାରୀ ଓ ଅନୁଗୋଳ ଆର୍‌ସିସିଏଫ୍ ଉପସ୍ଥିତ ଥିଲେ।

## ମାରୁତି ଯୁବସଂଘ ପକ୍ଷରୁ ରକ୍ତଦାନ ଶିବିର



**ଆଠମଲ୍ଲିକ, ୨୯।୩ (ଉଦିପ୍ତ ପୁରୋହିତ)**

ସହରସ୍ଥିତ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମାରୁତି ଯୁବ ସଂଘ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଓ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଆଇଆଇସି ସନ୍ତୋଷ କୁମାର ସେଠୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡାକ୍ତର କୁମାର ସୌରଭ ସବ୍ୟସାଚୀ ବେଉରା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ନର୍ସିଂ ଅଫିସର ପ୍ରିୟଦର୍ଶିନୀ ସାହୁ, ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ରବୀନ୍ଦ୍ର ନାଥ ମହାନ୍ତି, ରାକେଶ କୁମାର ଦତ୍ତ, ମୁକେଶ କୁମାର ଦେହୁରୀ, ସୁଶାନ୍ତ କୁମାର ସାହୁ, ବିନୟ କୁମାର ବିଶ୍ୱାଳ, ମନୋରଞ୍ଜନ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ । ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତର ସାକେତ, ଟେକ୍‌ନିସିଆନ ପ୍ରାଣବନ୍ଧୁ, ନୀଳିମା ବାରିକ, ପ୍ରିୟଙ୍କା ଦଳ ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ମାରୁତି ଯୁବ ସଂଘ ସଭାପତି ଶିବଶଙ୍କର ବେହେରା, ଉପସଭାପତି ପ୍ରଦୀପ ବାଘ, ସମ୍ପାଦକ ଆଶିଷ ଦାଶ, କୋଷାଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ, ସହ ସମ୍ପାଦକ ପ୍ରିୟଦର୍ଶୀ ସାମଲ, ଉପଦେଷ୍ଟା ଶ୍ରୀଧର ସ୍ୱାଇଁ, ସଦସ୍ୟ ସୋମ୍ୟବ୍ରତ ରଥ, ବିନୋଦ କୁମାର ସାହୁ, ବିପିନ ନାଏକ, ଯୁବିନ ବେହେରା, ସତ୍ୟନାରାୟଣ ସାହୁ, ଧୀରଜ ନାୟକ, ସୁନିଲ ମହାପାତ୍ର, ପ୍ରିୟବ୍ରତ ସାମଲ, ସଞ୍ଜୟ କୁମାର ସାହୁ, ବିଶାଳ ରାଜ, ସୁବ୍ରତ ପାତ୍ର, ସଞ୍ଜୟ କୁମାର ସାହୁ, ଅଜିତ ଡାଙ୍ଗ, ଅରୁଣ ଜାଲଙ୍କ ସମେତ ମାରୁତି ଯୁବ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ, ଦୁଇ ଗିରଫ

**ଛେଣ୍ଡିପଦା,୨୯।୩(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ ପାଟ୍ରୋଲିଂ ବେଳେ ୨ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ୨ ଚାଳକଙ୍କୁ ଅଟକ ରଖିଛି । ସୂଚନା ଅନୁଯାୟୀ, ୨ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଛେଣ୍ଡିପଦା କୁମ୍ଭାରସାହି ଦିଗକୁ ଯାଉଥିବାବେଳେ କୃଷି ବିଭାଗ କାର୍ଯ୍ୟାଳୟ ନିକଟରେ ଛେଣ୍ଡିପଦା ପୋଲିସ ଟ୍ରାକ୍ଟର ୨ଟିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ଏନେଇ ପୋଲିସ ବାଲି ବୋଝେଇ ଟ୍ରାକ୍ଟର ସହ ଚାଳକଙ୍କୁ ଜବତ କରି ଥାନାକୁ ଆଣିଥିଲା । ଉଭୟ ଚାଳକ ଛେଣ୍ଡିପଦା ସାପୁଇ ସାହିର ରତ୍ନାକର ମହାରଣା ଓ କୁଣ୍ଢେଇଗୋଳା ଥାନା କୁକୁଡ଼ାବାହାଳ ଗ୍ରାମର ଲକିରାମ ଗାଗରାଇଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି।

## ଗ୍ରାମର ମୁଖ୍ୟରାସ୍ତା ପାଲଟିଛି ମରଣଯନ୍ତା



**ସନ୍ତ୍ରୀଛକ,୨୯।୩(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମର ମୁଖ୍ୟ ରାସ୍ତାଟି ଦୀର୍ଘ ୨୦ବର୍ଷ ହେବ ଅବହେଳିତ ଅବସ୍ଥାରେ ରହିଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ଉକ୍ତ ମାଟି ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ବାଟ ଦେଇ ଦୈନିକ ବହୁ ଲୋକ ବୁଢ଼ାପଙ୍କ ରେଲୱେ ଷ୍ଟେଶନ, ଜିଏମ୍‌ଆର୍ ପ୍ଲାଣ୍ଟ, ଟାଟା ଷ୍ଟିଲ, ଥର୍ମାଲ, ତାଳଚେର ଓ ବିଭିନ୍ନ ସ୍କୁଲ କଲେଜ ଗାଡ଼ି ଉକ୍ତ ରାସ୍ତାଦେଇ ଗଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱ ଲତାବୁଦାରେ ପୂର୍ଣ୍ଣ ଥିବାରୁ ରାତିରେ ଗଲାବେଳେ ଚୋର ଭୟ ସାଙ୍ଗକୁ ନାନା ସରୀସୃପଙ୍କ ଭୟ ଦେଖିବାକୁ ମିଳୁଛି। ରାସ୍ତାରେ ଉଭୟ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା ମଧ୍ୟ ନାହିଁ। ଏନେଇ ଗ୍ରାମବାସୀ ମନୋଜ ପରିଡ଼ା, କନ୍ଦର୍ପ ପରିଡ଼ା, ସୁଧାକର ବେହେରା, ଦିବାକର ନାଏକ, ବିଷ୍ଣୁ ନାଏକ, ସୁଦାମ ପରିଡ଼ା, ସୁଦର୍ଶନ ଭୁତିଆ ପ୍ରମୁଖ ପ୍ରଶାସନକୁ ବହୁବାର ଜଣାଇଥିଲେ ହେଁ କୌଣସି ସଫଳ ମିଳିନାହିଁ। ବିଭାଗୀୟ ଜେଇଇ ସୁରଜ କୁମାର ପଲେଇଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବାରୁ ଖୁବ୍‌ଶୀଘ୍ର ରାସ୍ତା କାମ ଆରମ୍ଭ କରାଯିବ।

## ମହୋତ୍ସବ ଅଞ୍ଚଳର ଏକତା, ଅଖଣ୍ଡତାକୁ ମଜଭୁତ କରିବାର ମାଧ୍ୟମ

**ପାଲଲହଡ଼ା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**




**ପାଲଲହଡା, ୨୯।୩ (ଦିବ୍ୟଜ୍ୟୋତି ଦାସ)**

ଅନୁଗୋଳ ଜିଲା ପାଲଲହଡ଼ା ଷ୍ଟାଡିୟମରେ ଅନୁଷ୍ଠିତ ‘ପାଲଲହଡ଼ା ମହୋତ୍ସବ’ ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ପାଲଲହଡା ଉପଜିଲ୍ଲାପାଳ ତଥା ମହୋତ୍ସବ କମିଟିର ଆବାହକ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ପାଲଲହଡ଼ା ବିଡିଓ ନିଶାନ ମିଶ୍ର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅଞ୍ଚଳର ଏକତା ଏବଂ ଅଖଣ୍ଡତାକୁ ମଜବୁତ କରିବାର ଏକ ମାଧ୍ୟମ ମହୋତ୍ସବ ବୋଲି ମୁଖ୍ୟ ଅତିଥି ଏମ୍‌ପି ପାଣି କହିଥିଲେ।

ପାଲଲହଡାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ସମସ୍ତେ ମିଶି କାମ କରିବା ଦରକାର ବୋଲି ମହୋତ୍ସବର ଅଧ୍ୟକ୍ଷ ତଥା ବିଧାୟକ ଅଶୋକ ମହାନ୍ତି ପ୍ରକାଶ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମହୋତ୍ସବ ମୁକ୍ତାକାଶ ରଙ୍ଗମଞ୍ଚରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଇଲିଶୁଆଁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଆଦିବାସୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ତାଳଚେର ଅମୃତ ଅନୁଷ୍ଠାନର ଆଧୁନିକ ନୃତ୍ୟ ତାଳେ ତାଳେ ଝୁମିଥିଲେ ଯୁବଗୋଷ୍ଠୀ ।କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଓଲିଉଡ଼ ଗାୟିକା ସୁଜ୍ଞାନୀ ମହାପାତ୍ର ଏବଂ ତାଙ୍କ ଗ୍ରୁପଙ୍କ ଆଧୁନିକ ସଂଗୀତର ତାଳେ ତାଳେ ଯୁବବର୍ଗ ଝୁମିଥିଲେ।

# ପରଜଙ୍ଗ ଧାନମଣ୍ଡିରେ ଦୁର୍ନୀତି ଅଭିଯୋଗ

## ସମିତି ସମ୍ପାଦକଙ୍କ ଅର୍ଥ ଦାବି ପ୍ରତିବାଦରେ କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ

**ପରଜଙ୍ଗ, ୨୯।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ କୃଷି ସମବାୟ ସମିତି କାର୍ଯ୍ୟାଳୟ ଅଧୀନ ଧାନମଣ୍ଡିରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହୋଇଛି। ଯେଉଁ ଚାଷୀମାନେ ଆଗ ଟୋକନ ପାଇଥିଲେ ସେମାନଙ୍କ ଧାନ କିଣାଯାଉ ନ ଥିବା ବେଳେ ଯେଉଁମାନେ ପଛରେ ଟୋକନ ପାଇଥିଲେ ସେମାନଙ୍କ ଧାନ ଚଞ୍ଚକତା କରି ସମିତି ସମ୍ପାଦକ ସିଧାସଳଖ ଖର୍ଚ୍ଚ ନେଇ ମିଲ୍‌କୁ ପଠାଉଥିବା ଅଭିଯୋଗ ହୋଇଛି। ଯେଉଁ ଚାଷୀଙ୍କ ଧାନ ଉଠିନାହିଁ ଖର୍ଚ୍ଚ ନ ଦେଲେ ଧାନ ଉଠିବ ନାହିଁ ବୋଲି ସମିତି ସମ୍ପାଦକ ବ୍ରହ୍ମାନନ୍ଦ ନାୟକ କହିଛନ୍ତି। ଏହାର ପ୍ରତିବାଦରେ ଚାଷୀମାନେ ରବିବାର ସମ୍ପାଦକ ନାୟକ ଏବଂ କମ୍ପ୍ୟୁଟର କର୍ମଚାରୀ ଦୀପକ କୁମାର ନାୟକ କାର୍ଯ୍ୟାଳୟରେ ଥିବାବେଳେ ବାହାର ପଟୁ ତାଲା ପକାଇ ଦେଇଥିଲେ ଚାଷୀ। ପରେ ପୋଲିସ ଉଭୟଙ୍କୁ ଉଦ୍ଧାର କରି ପରଜଙ୍ଗ ଥାନାକୁ ନେଇଥିଲେ।



ସମିତି ସମ୍ପାଦକ ଓ କମ୍ପ୍ୟୁଟର କର୍ମଚାରୀ ଭିତରେ ଥିବା ବେଳେ ଚାଷୀମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଛନ୍ତି।

ସୂଚନା ମୁତାବକ, ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇ କାଟିଣି ଗ୍ରାମର ମଳୟ ନାୟକ ମାର୍ଚ୍ଚ ୨୪ ମଧ୍ୟରେ ମଣ୍ଡିରେ ୩୬ କୁଇଣ୍ଟାଲ ଧାନ ଦେବାକୁ ଟୋକନ ପାଇଥିଲେ। କିନ୍ତୁ ସମିତି କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ମଧ୍ୟ ଧାନ ନେବାକୁ ସମିତି ସମ୍ପାଦକ ରାଜି ହୋଇ ନ ଥିଲେ। ଖର୍ଚ୍ଚ ଦେଲେ ଧାନ ଉଠିବ ବୋଲି ରୋକଠୋକ ଶୁଣାଇ ଦିନ ଗଡ଼ାଇ ଚାଲିଥିଲେ। ମାର୍ଚ୍ଚ ୨୪ରେ ଟୋକନ ପାଇଥିବା ଅନ୍ୟ ୧୪ଜଣ ଚାଷୀଙ୍କ ଧାନ ମଣ୍ଡି ହୋଇ ନ ଥିବା ବେଳେ ସେମାନଙ୍କୁ ନିଜ ଖର୍ଚ୍ଚରେ ବସୋଇସ୍ଥିତ ସନ୍ତୋଷୀ ଆଗ୍ରୋ ଫୁଡସ୍ ରାଇସି ମିଲ୍‌କୁ ଧାନ ନେବାକୁ ସମ୍ପାଦକ ଫୋନ କରି ଜଣାଇବା ପରେ ଚାଷୀମାନେ ଶନିବାର ଧାନ ନେଇ ମିଲ୍‌ରେ ଦେଇଥିଲେ। ତେବେ ମଳୟ ନାୟକ ପହଞ୍ଚି କାହିଁକି ମୋର ଧାନ ନିଆଯାଉନାହିଁ ବୋଲି ପଚାରିବାରୁ ବିନା ଖର୍ଚ୍ଚରେ ଧାନ ଉଠିବ ନାହିଁ, ଯାହା କରିବା କଥା କର କହି ଦୁର୍ବ୍ୟବହାର କରିଥିଲେ। ଯେଉଁଚାଷୀମାନଙ୍କ ଧାନ ଉଠି ନ ଥିଲା ସେମାନେ ମଳୟଙ୍କୁ ସମର୍ଥନ କରି ସମବାୟ ସମିତି କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇ ଦେଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲା। ଏ ବିଷୟରେ ସନ୍ତୋଷୀ ଆଗ୍ରୋ ଫୁଡ୍‌ସ ରାଇସ୍ ମିଲ୍‌ର ପରିଚାଳକ ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି, ଆସନ୍ତା ମଙ୍ଗଳବାର ମଣ୍ଡି ହେବ। କିନ୍ତୁ ସମିତି ସମ୍ପାଦକ ଚାଷୀମାନଙ୍କୁ ହଇରାଣ କରି ନିଜ ଖର୍ଚ୍ଚରେ ଶନିବାର ଆଗୁଆ ୧୪ ଜଣ ଚାଷୀଙ୍କ ଧାନ ମିଲକୁ ପଠାଇଥିଲେ। ସମ୍ପାଦକ ବ୍ରହ୍ମାନନ୍ଦ ନାୟକ କହିଛନ୍ତି, ଚାଷୀମାନେ ଖୁସିରେ ଦେଉଛନ୍ତି, ମୁଁ କାହାକୁ ଅର୍ଥ ପାଇଁ ବାଧ୍ୟ କରୁନାହିଁ।

ସୂଚନାଥାଉ କି, କିଛି ବର୍ଷ ତଳେ ଏହିଭଳି ଚାଷୀଙ୍କୁ ହଇରାଣ କରି ଅର୍ଥ ଆଦାୟ କରୁଥିବା ବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିଲେ। ଏ ବିଷୟରେ ପରଜଙ୍ଗ ସହକାରୀ ଯୋଗାଣ ନିରୀକ୍ଷକ ଉଦିତ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖବର ପାଇଛି, ସୋମବାର ଏହାର ତଦନ୍ତ କରାଯିବ।

# ଟ୍ରକ୍ ପଛକୁ ଧକ୍କାଦେଲା ହାଇୱା, ଚାଳକ ଓ ହେଲ୍‌ପର ମୃତ



**ଓଡ଼ାପଡ଼ା, ୨୯।୩ (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା କଲେଜ୍ ଛକ ନିକଟରେ ରବିବାର ଭୋର ସମୟରେ ଏକ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଦୁଇଜଣ ସୁନ୍ଦରଗଡ଼ ଜିଲା ରାଉରକେଲା ପ୍ଲାଣ୍ଟ ସାଇଡ୍ ଗୋପବନ୍ଧୁପାଲି ଗ୍ରାମର ପେରୁ ଦାସ (୫୩) ଓ ଅନିଲ ସିଂହଦେଓ (୩୬)ବୋଲି ଜଣାପଡ଼ିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।
ପ୍ରକାଶ ଯେ, ଢେଙ୍କାନାଳ-ଅନୁଗୋଳ ୫୫ ନଂ ଜାତୀୟ ରାଜପଥ ଓଡ଼ାପଡ଼ା କଲେଜ ଛକ ନିକଟରେ ରବିବାର ଭୋର ସମୟରେ ଏକ ୧୬ ଚକିଆ ଟ୍ରକ୍ (ଓଡି୧୯ୟୁ-୪୨୯୫) ଛିଡ଼ା ହେଉଥିବା ବେଳେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା (ଓଡି୧୫ଜେଡ -୨୨୭୬) ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଜୋର ଥିଲା ଯେ, ହାଇୱାର କେବିନ ଭାଙ୍ଗିରୁଜି ଚୁରମାର ହୋଇଯାଇଥିଲା। ହାଇୱାର ଡ୍ରାଇଭର ଗୁରୁତର ଆହତ ହୋଇଥିଲେ। ଖବରପାଇ ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଓ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ହାଇୱାରେ ହେଲପର ଜଣଙ୍କ ଚାପିହୋଇ ପ୍ରାଣ ହରାଇଥିବା ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଜଣେ ଗିରଫ, ଗୁଳିମାଡ଼ର ପ୍ରମାଣ ପାଉନି ପୋଲିସ

## ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ ମାମଲା

**ଢେଙ୍କାନାଳ,୨୯।୩(ରତନ ନାୟାର)**

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ଶନିବାର ମଧ୍ୟାହ୍ନ ସାଢେ ୧୨ଟା ସମୟରେ ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ବିବାଦ ଘଟି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଜଣେ ଅଣଛାତ୍ର କଲେଜ ମଧ୍ୟକୁ ପ୍ରବେଶ କରି ଗୋଟିଏ ଗୋଷ୍ଠୀର ଝାଡ଼େଶ୍ୱର ମଲିକ ନାମକ ଜଣେ ଛାତ୍ରଙ୍କୁ ଆକ୍ରମଣ କରି ଲହୁଲୁହାଣ କରିପକାଇଥିଲେ । ଛାତ୍ର ଜଣକ ପ୍ରତିବାଦ କରିବାରୁ ଅଣଛାତ୍ର ଜଣକ ଏକ ରିଭଲଭର ଉଠାଇଥିଲେ । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହେବାରୁ ରିଭଲଭରଟି ତଳମୁହାଁ ହୋଇ ଫୁଟିଯାଇଥିଲା ବୋଲି ଝାଡେଶ୍ୱର ଟାଉନ ଥାନାରେ ଅଭିଯୋଗ କରିଥିଲେ । ଏହି ଘଟଣାରେ ଟାଉନ ଥାନା ପୋଲିସ ତଦନ୍ତ କରି ରବିବାର ପ୍ରତ୍ୟୁଷ ସାହୁ ନାମକ ଜଣେ ଛାତ୍ରଙ୍କୁ ଗିରଫ କରିଥିବା ଜଣାପଡିଛି। ସେହିପରି କଲେଜ ପରିସରରେ ଅଣଛାତ୍ର ପ୍ରବେଶ ଓ ଗୁଳିମାଡ ଘଟଣାର ବର୍ତ୍ତମାନ ସୁଦ୍ଧା କୌଣସି ପ୍ରମାଣ ମିଳୁନାହିଁ । ତଥାପି ଘଟଣାର ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ମଧୁସ୍ମିତା ନାଥଶର୍ମାଙ୍କ ସୂଚନାରୁ ଜଣାପଡିଛି । ପୋଲିସ ପକ୍ଷରୁ ଉଭୟ ଗୋଷ୍ଠୀର ଛାତ୍ରଙ୍କୁ ନେଇ ପଚରାଉଚରା କରାଯାଇଥିଲା। ଆକ୍ରମଣରେ ଆହତ ହୋଇଥିବା ଛାତ୍ର ଝାଡେଶ୍ୱର ମଲ୍ଲିକଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ କେସ୍ ନଂ. ୨୦୧/୨୬ରେ ଏକ ମାମଲା ରୁଜୁ କରାଯାଇଛି ।

# ବିଜ୍ଞାନକୁ ମାନବ ସେବାରେ ବ୍ୟବହୃତ ପାଇଁ ଆହ୍ୱାନ



**ଢେଙ୍କାନାଳ,୨୯।୩(ରତନ ନାୟାର)**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର 'ମାନବ ଜାତିର କଲ୍ୟାଣ ପାଇଁ ବିଜ୍ଞାନର ଠିକ୍ ବ୍ୟବହାର' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କଲେଜର ଅଧ୍ୟକ୍ଷ ଡ. ପର୍ଣ୍ଣଚନ୍ଦ୍ର ବରାଳ, ବିଜ୍ଞାନକୁ ମାନବ ସେବା ଓ ସମାଜର ଉନ୍ନତି ପାଇଁ ସର୍ବଦା ବ୍ୟବହୃତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ରକାଶ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଳୀୟ ମାଧ୍ୟମରେ ତୁଳନାତ୍ମକ ଆଣ୍ଟିପାର୍କିସୋନିଆମ୍ ଅଧ୍ୟୟନ ବିଷୟରେ ଆଲୋକପାତ କରିଥିଲେ। ସେ ବିଜ୍ଞାନ ଗବେଷଣାକୁ ମାନବ ରୋଗ ନିରାକରଣ ଓ ସମାଜସେବାରେ ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶାସନିକ ଅଧିକାରୀ ଡ. ବିଭୁଦତ୍ତ ଦାସ, ବିଜ୍ଞାନ ଓ ଶିକ୍ଷାର ସମନ୍ୱୟ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ରସାୟନ ବିଭାଗର ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ସିପୁନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. ସୁପ୍ରଭା ମହାରଣାଙ୍କ ଦ୍ୱାରା ବାର୍ଷିକ ପତ୍ରିକା ଉନ୍ମୋଚନ ହୋଇଥିଲା । ପିଜି ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଡ. ପ୍ରକାଶ କୁମାର ସାହୁ ସେମିନାରର ମୂଳ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରମାନଙ୍କ ସହ ଅନ୍ୟାନ୍ୟ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସ୍ନାତକସ୍ତରରେ ଅଭିଲିପ୍ସା ସ୍ୱାଇଁ ଶ୍ରେଷ୍ଠ ସେମିନାର ଉପସ୍ଥାପନା ପାଇଁ ସମ୍ମାନିତ ହୋଇଥିଲେ । ସେହିପରି ସ୍ନାତକୋତ୍ତର ସ୍ତରରେ ମୋନାଲିସା ସାହୁ ଶ୍ରେଷ୍ଠ ଉପସ୍ଥାପନା ପାଇଁ ସମ୍ମାନିତ ହୋଇଥିଲେ। ଉଭୟଙ୍କୁ ରସାୟନ ବିଭାଗ ପକ୍ଷରୁ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା । ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ମା' ତାରିଣୀଙ୍କ ୧୯ତମ ପ୍ରତିଷ୍ଠା ଉତ୍ସବ

**ଗଁଦିଆ,୨୯।୩(ବିଶ୍ୱ ମୋହନ ସାହୁ)**



ଢେଙ୍କାନାଳ ଜିଲା ଗଁଦିଆ ଅଞ୍ଚଳର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ୧୯ତମ ପ୍ରତିଷ୍ଠା ଉତ୍ସବ ଭକ୍ତିଭାବର ସହିତ ରବିବାର ସମ୍ପନ୍ନ ହୋଇଯାଇଛି । ୩ଦିନ ଧରି ଚାଲିଥିବା ଏହି ଆଧ୍ୟାତ୍ମିକ ଉତ୍ସବରେ ସମଗ୍ର ଗଁଦିଆ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା । ପ୍ରଥମ ଦିବସରେ ଶତାଧିକ ମହିଳା ପୁରୁଷ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିବା ସହ ଘଟ ସ୍ଥାପନ କରିଥିଲେ । ରୀତିନୀତି ଅନୁଯାୟୀ ଅଙ୍କୁରା ରୋପଣ, ସୂର୍ଯ୍ୟପୂଜା, ଗୋପୂଜା ଓ ଶୋଡଷ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ଏଥିସହିତ ମନ୍ଦିର ପ୍ରାଙ୍ଗଣରେ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ପରବେଷଣ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନେ ସାମିଲ ହୋଇଥିଲେ। ରବିବାର ଅପରାହ୍ନରେ ଉତ୍ସବ ପୂର୍ଣ୍ଣାହୁତି ହୋଇଥିଲା । ମନ୍ଦିର କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କର ଭିଡ଼ ଲାଗିଥିବା ଦେଖାଯାଇଥିଲା।

# ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ବୈଠକ



**ଢେଙ୍କାନାଳ,୨୯।୩(ରତନ ନାୟାର)**

ଢେଙ୍କାନାଳ ବଳରାମ ମନ୍ଦିର ପରିସରରେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ଏକ ବୈଠକ ସଭାପତି ଦିପ୍ତୀମୟୀ ପ୍ରଧାନଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା । ବୈଠକରେ ସ୍ୱାସ୍ଥ୍ୟକର୍ମୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ ସ୍ୱାସ୍ଥକର୍ମୀ ଓ ସିଏଚ୍ଓମାନେ କାର୍ଯ୍ୟ କରୁଛନ୍ତି । ସରକାର ସିଏଚ୍ଓମାନଙ୍କୁ ଟିବିଆଇର ଶତ ପ୍ରତିଶତ ଦେଉଥିବାବେଳେ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ମାତ୍ର ୧୦ ପ୍ରତିଶତ ଦେଉଛନ୍ତି। ବର୍ତ୍ତମାନଠାରୁ କୌଣସି ସ୍ୱାସ୍ଥ୍ୟକର୍ମୀ ଟିବିଆଇ ଫର୍ମରେ ଦସ୍ତଖତ କରିବେ ନାହିଁ କି ୧୦ପ୍ରତିଶତ ଇନ୍‌ସେଟିଭ୍ ଗ୍ରହଣ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସିଏଚ୍ଓ ନ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଟିବିଆଇ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଗଲା। ଏନ୍‌ଏଚ୍‌ଏମ୍ ଫଣ୍ଡରେ ଆସୁଥିବା ୱେଲ୍‌ନେସ୍ କାର୍ଯ୍ୟକ୍ରମ ଖର୍ଚ୍ଚ ଠିକ୍ ଭାବେ ନିରୀକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଗଲା । ନିୟମାବଳୀ ଅନୁସାରେ ସମସ୍ତ କାର୍ଯ୍ୟକ୍ରମ ଓ ଖର୍ଚ୍ଚ ଉଭୟ ସିଏଚ୍ଓ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ କରିବା ପାଇଁ ନିଷ୍ପତ୍ତି ନିଆଗଲା । ବୈଠକରେ ଚେୟାର୍‌ପର୍ସନ ରୁବି ପ୍ରିୟଦର୍ଶିନୀ, ସମ୍ପାଦିକା ଏଲିନା ପରିଡ଼ା, କୋଷାଧ୍ୟକ୍ଷା ପ୍ରଗତିକା ମହାପାତ୍ରଙ୍କ ସମେତ ସଂଘର ସଦସ୍ୟ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ଭୁବନ, ୨୯।୩ (ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୩୭ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଏହିଅବସରରେ ସକାଳେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ବନ୍ଦେ ମାତାରାମ ଗାନ ଓ ମାର୍ଚ୍ଚପାଷ୍ଟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାଧାରଣସଭା ସହିତ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥାଲା। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଉପଦେଷ୍ଟା ତଥା ପ୍ରାକ୍ତନ ଶିକ୍ଷକ ବାଳକୃଷ୍ଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣିଷ ତିଆରି କାରଖାନାରେ ଛାତ୍ରୀଛାତ୍ରମାନେ ଶିକ୍ଷାଲାଭ କରି ନିଜର ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ସହିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଆଧ୍ୟାତ୍ମିକ ଚେତନା ଉପରେ ଗୁରୁତ୍ୱ ଦେଲେ ଜଣେ ସୁନାଗରୀକ ଗଢିବାରେ ସହାୟକ ହୋଇପାରିବେ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ହୃଷିକେଶ ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ ଥିବାବେଳେ ସମ୍ପାଦକ ବିଭୁତି ଭୂଷଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେଥିରେ ବିଦ୍ୟାଳୟର ଉପସଭାପତି ବ୍ରହ୍ମାନଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବେଣୁଧର ଗୁରୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ରତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ୧୫୧ ୟୁନିଟ୍ ରକ୍ତ ସଂଗୃହୀତ



## ସାଇ ସତସଙ୍ଗ ସେବା ପକ୍ଷରୁ ରକ୍ତଦାନ ଶିବିର

**ଢେଙ୍କାନାଳ,୨୯।୩(ରତନ ନାୟାର)**

ଢେଙ୍କାନାଳ ସାଇ ସତସଙ୍ଗ ସେବା ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶ୍ରୀରାମ ମଣ୍ଡପଠାରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିରରେ ମୋଟ ୧୫୧ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର କୁମାର ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସାମାଜିକ କର୍ମୀ ଦେବବ୍ରତ ମହାନ୍ତି ଯୋଗଦେଇ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କୁ ରକ୍ତଦାନ କରିବାକୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷା ଶିବ ପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଅରୂପ ପରିଜା, ରତିକାନ୍ତ ସେଠୀ, ଅଞ୍ଜଳି ପରିଡା ଓ ସଦସ୍ୟମାନେ ଶିବିରକୁ ପରିଚାଳନା କରିଥିଲେ।

# ଅମଲାପଡ଼ା ମା'ବାସନ୍ତିକ ଦୁର୍ଗାଙ୍କ ଭସାଣି



**ଅନୁଗୋଳ,୨୯।୩(ଦିବ୍ୟଶାନ୍ତନୁ ନାଥ)**

ଅମଲାପଡ଼ା ବାସନ୍ତିକ ଦୁର୍ଗା ପଡିଆରେ ଚାରି ଦିନ ବ୍ୟାପୀ ଆୟୋଜିତ ମହୋତ୍ସବ ସମ୍ପନ୍ନ ହେବା ପରେ ରବିବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ରାତିରେ ଅପରାଜିତା ପୂଜା, ହୋମ, ପୂର୍ଣ୍ଣାହୁତି, ଚରୁ ପ୍ରସାଦ ସେବନ ଆଦି ଅନୁଷ୍ଠିତ ହୋଇଥିଲା। ରବିବାର ଅପରାହ୍ନରେ ଏକ ସୁସଜ୍ଜିତ ଗାଡ଼ିରେ ଦେବୀ ବାସନ୍ତୀ ଦୁର୍ଗାଙ୍କୁ ଆସୀନ କରାଇ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଶଙ୍ଖ, ଘଣ୍ଟା, ଘଣ୍ଟ, ସଙ୍କୀର୍ତ୍ତନ, ମ୍ୟୁଜିକାଲ ଏବଂ ବିଭିନ୍ନ ଲୋକବାଦ୍ୟ ଓ ଲୋକନୃତ୍ୟର ତାଳେ ତାଳେ ଭକ୍ତମାନେ ଶୋଭାଯାତ୍ରାକୁ ନିର୍ଦ୍ଧାରିତ ରାସ୍ତାରେ ନେଇ ସ୍ଥାନୀୟ ଜଳାଶୟରେ ବିସର୍ଜନ କରିଥିଲେ। ପୂଜା କମିଟି ପକ୍ଷରୁ ସଭାପତି ଶକ୍ତି ପଟ୍ଟନାୟକ, ଉପ ସଭାପତି ଯତୀନ ସେଠୀ, ସମ୍ପାଦକ ଅନୂପ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ଗୋପାଳ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ପ୍ରଧାନ ଓ ତାପସ ରଞ୍ଜନ ରାୟ, ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ପ୍ରଦୀପ ଦେବତାଙ୍କ ସମେତ ଶୁଭେନ୍ଦୁ ପ୍ରଧାନ, ଚିତ୍ତ ପ୍ରଧାନ, ବାପି ଦାସ, ମନୁ ପ୍ରଧାନ, ପ୍ରତାପ ମାଝୀ, ଶଶାଙ୍କ ପ୍ରଧାନ, ରିତେଶ ଦଳବେହେରା, ଗୁରୁଦେବ ସାହୁ, ବିଜୁ ରାଉତ, ଗୁଲୁ ମହାନ୍ତି, ସୌମ୍ୟ ଦାଶ, ଜଗଦୀଶ ସିଂହ, ବାପୁ ଭଞ୍ଜ, ଦୀପକ ତିବ୍ରିୱାଲ, ଶ୍ୟାମସୁନ୍ଦର ଶାସମଲ, ଟଙ୍କଧର ମାଝୀ, ଶିବରାଜ ପ୍ରଧାନ, ବୁନା ପଟ୍ଟନାୟକ, ସୁରେଶ ବେହେରା, ତ୍ରିନାଥ ସାହୁ, ଆଶୁତୋଷ ରାଉତ, ଆଦିତ୍ୟ ସିଂହ, ମନିଷ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ପର୍ଯ୍ୟଟନ କାର୍ଯ୍ୟକ୍ରମ

## ୧ କୁଇଣ୍ଟାଲ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ

**ଛେଣ୍ଡିପଦା,୨୯।୩(ଅଜିତ୍ ଧଳ)**




ବିଭିନ୍ନ ପର୍ଯ୍ୟଟନ ସ୍ଥଳଗୁଡିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାଥି ପରିବାର ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଉଦ୍ୟମ ଚାଲିଛି । ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଅନ୍ତର୍ଗତ ପାତ୍ରପଡ଼ାର ଲୋକାଭିମୁଖୀ ପର୍ଯ୍ୟଟନ ସ୍ଥଳୀ ମା' ବାୟାଣୀଙ୍କ ପୀଠକୁ ପ୍ଲାଷ୍ଟିକମୁକ୍ତ କିରବା ଉଦ୍ଦେଶ୍ୟରେ ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାର ଏବଂ ଛେଣ୍ଡିପଦା ବ୍ଲକର ସାମାଜିକ ଅନୁଷ୍ଠାନ ଜାଗୃତି ପରିବାରର ମିଳିତ ଉଦ୍ୟମରେ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଉଭୟ ଅନୁଷ୍ଠାନର ସଦସ୍ୟଙ୍କ ଦ୍ୱାରା ସକାଳ ୮ ଟାରୁ ୧୧ଟା ପର୍ଯ୍ୟନ୍ତ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଥିଲା । ମା' ବାୟାଣୀଙ୍କ ମନ୍ଦିର ଚତୁଃପାର୍ଶ୍ୱ, ରାସ୍ତାପାର୍ଶ୍ୱ, ନାଳ, କୂଳ ଓ ଜଳପ୍ରପାତ ଚାରିପାଖରୁ ପ୍ରାୟ ୧ କୁଇଣ୍ଟାଲରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇ ପୁନଃଚକ୍ରଣ ପାଇଁ ନିକଟସ୍ଥ କବାଡି କେନ୍ଦ୍ରରେ ଜମା କରାଯାଇଥିଲା। ଏଥିସହ ଭ୍ରମଣରେ ଆସିଥିବା ଶ୍ରଦ୍ଧାଳୁ ଓ ଭକ୍ତଙ୍କୁ ପ୍ଲାଷ୍ଟିକମୁକ୍ତ ପର୍ଯ୍ୟଟନ ସମ୍ପର୍କରେ ସଚେତନ କରାଯାଇଥିଲା । ଜାଗୃତି ପରିବାରର ଅଜିତ୍ କୁମାର ସାହୁ, ସୌଭାଗ୍ୟ ରଞ୍ଜନ ସାହୁ, ଚଗଲା ସାହୁ, ଟିକେଇ ସାହୁ, ତ୍ରିଲୋଚନ ସାହୁ, ମଦନ ମୋହନ ସାହୁ, ଅନିଲ କୁମାର ସାହୁ, ପୀତବାସ ସାହୁ, ଟିଟୁନ ସାହୁ, ସିକୁନ ଦେହୁରୀ, ସୌଭଗ୍ୟ ସାହୁ, ଲିକୁନ ସାହୁ, ବିନୋଦ କୁମାର ସାହୁ, ଗଙ୍ଗାଧର ସାହୁ, ମୋହନ ଚରଣ ସାହୁ, ଭଜମନ ସାହୁ, ଟୁକୁନା ସାହୁ ଏବଂ ସାଥୀ ପରିବାର ତରଫରୁ ସଭାପତି ସିଦ୍ଧାର୍ଥ ପ୍ରଧାନ, ଗୁରୁଦେବ ସାହୁ, ପପୁନ ସାହୁ, ମହାପ୍ରସାଦ ନନ୍ଦ ଏବଂ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏକ ବୈଠକ ଆୟୋଜନ କରାଯାଇ ମାଆ ବାୟାଣୀ ପୀଠକୁ ସମ୍ପୂର୍ଣ୍ଣ ଭାବେ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବାକୁ ଉଭୟ ଅନୁଷ୍ଠାନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସାଥି ପରିବାରର ଏହି ପ୍ରୟାସକୁ ଅଞ୍ଚଳବାସୀ ସାଧୁବାଦ ଜଣାଇଛନ୍ତି ।

